## ଆଜମିର କଟନ କମ୍ପାନୀରେ ଅଗ୍ନିକାଣ୍ଡ

ଯାଁଳା,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଯାଁଳା ପଞ୍ଚାୟତର ରାଧାଚରଣପୁର ଶିଳ୍ପାଞ୍ଚଳରେ ଥିବା ଆଜମିର କଟନ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ୨ଟାରେ ଉକ୍ତ କମ୍ପାନୀରେ ନିଆଁ ଲାଗିଯାଇଥିଲା। କାର୍ଯ୍ୟରତ ୮ଜଣ ଶ୍ରମିକ ନିଆଁ ଦେଖି ଅଗ୍ନିଶମ ସେବାକେନ୍ଦ୍ରକୁ ଜଣାଇଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୩୦ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା କମ୍ପାନୀ ମାଲିକ ଭୁବନେଶ୍ୱର ସାମନ୍ତରାପୁର ଅଞ୍ଚଳର ଅସରଫ ଅଲ୍ଲି କହିଛନ୍ତି।



## ସଂକ୍ଷେପରେ

### ନିଦରୁ ଉଠିଲେ ଶ୍ରୀହରି
#### ଆରମ୍ଭ ହେଲା ଶୁଭକାଳ

ପୁରୀ ଅଫିସ, ୨୫।୧୧: ହରିଶୟନ ଏକାଦଶୀରେ ମହାପ୍ରଭୁ ନିଦ୍ରା ଯାଇଥିଲେ। ଚାରି ମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ନିଦରୁ ଉଠିଛନ୍ତି ଶ୍ରୀହରି। ଏହାକୁ ହରି ଉତ୍‌ଥାପନ ଏକାଦଶୀ କୁହାଯାଏ। ଶ୍ରୀମନ୍ଦିରରେ ବୁଧବାର ହରି ଉତ୍‌ଥାପନ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ନିଦରୁ ଉଠିବା ପରେ ଶୁଭ କାଳ ଓ ଶୁଭ କର୍ମ ଆରମ୍ଭ ହୋଇଛି। ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀନାରାୟଣ, ବଳଭଦ୍ରଙ୍କ ପ୍ରତିନିଧି ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ମା' ଭୁବନେଶ୍ୱରୀ ଶୟନ ଯାଇଥିଲେ। ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ହରି ଉତ୍‌ଥାପନ ଏକାଦଶୀ ଅନ୍ୟତମ। ଶ୍ରୀମନ୍ଦିରରେ ବଡସିଂହାର ଭୋଗ ସରିବା ପରେ ହରି ଉତ୍‌ଥାପନ ନୀତି ଆରମ୍ଭ ହୋଇଥିଲା। ରତ୍ନସିଂହାସନ ତଳେ ମହାସ୍ନାନ ପୂଜା ପରେ ମୁଦିରସ୍ତ ଓ ପଣ୍ଡା ୩ଜଣ ଖଟଶେଯ ଘର ଉପରକୁ ଯାଇ ଶୟନପେଡ଼ି ମୁଦ ଭାଙ୍ଗିଥିଲେ। ମୁଦିରସ୍ତ ଶୟନପେଡି ଖୋଲି କର୍ପୂର, ଆଳତି, ଅଞ୍ଜଳି କରାଇ ୩ଟି ରୁପା ଥାଳିରେ ତିନିଦିଅଁଙ୍କୁ ବିଜେ କରାଇ ପଣ୍ଡାଙ୍କୁ ସମର୍ପଣ କରିଥିଲେ। ପୂଜାପଣ୍ଡା ତିନିଠାକୁରଙ୍କୁ ଖଟୁଲିରେ ବିଜେ କରାଇ ମହାସ୍ନାନ କରାଇଥିଲେ। ପରେ ଠାକୁରମାନେ ସିଂହାସନକୁ ବିଜେ ହୋଇଥିଲେ। ତିନି ଠାକୁରଙ୍କ ସର୍ବାଙ୍ଗ ଲାଗି, ନୂଆ ଲୁଗା, ମାଳ ଫୁଲ ଲାଗି ସହ ୬ ମୂର୍ତ୍ତି ଅଳଙ୍କାର ବେଶ କରାଯାଇଥିଲା। ବଲ୍ଲଭ ବଡସିଂହାର ଭୋଗ ପଟୁଆରରେ ଆସିଥିଲା। ପୂଜାପଣ୍ଡା ସେବକ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ପରେ ଠାକୁରମାନେ ଶୟନ ଘରକୁ ବିଜେ କରିଥିଲେ।

### ୩୦ କେଜି ପଲିଥିନ ଜବତ

ପୁରୀ ଅଫିସ,୨୫।୧୧: ପୁରୀ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଗତ ଦୁଇଦିନରେ ୩୦ କି.ଗ୍ରା. ପଲିଥିନ ଜବତ କରାଯିବା ସହ ୨୯,୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବୁଧବାର ବାଲିଗୁଆଳିର ଗୋଟିଏ ଓ ମାଟିଆପଡ଼ାର ଦୁଇଟି ଦୋକାନରେ ଚଢ଼ାଉ କରାଯାଇ ୫ କେଜି ପଲିଥିନ, ୧ କିଗ୍ରା ଥର୍ମୋକୁଲ ସାମଗ୍ରୀ ଜବତ କରାଯାଇଛି। ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ଗତ ମଙ୍ଗଳବାର ୪ଟି ସ୍ଥାନରେ ଚଢ଼ାଉ କରାଯାଇ ୨୫ କିଗ୍ରା ପଲିଥିନ ଓ ୩ କିଗ୍ରା ଥର୍ମୋକୁଲ ଜବତ କରାଯିବା ସହ ୨୪,୭୦୦ଟଙ୍କା ଆଦାୟ କରାଯାଇଛି। ଏହି ଚଢ଼ାଉରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ବୃନ୍ଦାବନ ପତି, ସ୍ୱତନ୍ତ୍ର ଅଧିକାରୀ ପ୍ରଶାନ୍ତ ପଟ୍ଟନାୟକ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଜମିପଟ୍ଟା ନାମ ପରିବର୍ତ୍ତନ ଲାଗି ଦାବିପତ୍ର

**ଖୋର୍ଦ୍ଧା ଅଫିସ,୨୫।୧୧:** ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତ ଅଧୀନ ଜମିପଟ୍ଟା ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ମାର୍ଫତ ପୁରୀ ଆଡମିନିଷ୍ଟ୍ରେଶନ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପରିବର୍ତ୍ତେ ଓଡ଼ିଶା ସରକାରଙ୍କ ନାମରେ ନାମିତ ଦାବିରେ ପଞ୍ଚାୟତର ଏକାଧିକ ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହାପ୍ରଭୁଙ୍କ ନାମରେ ରହିଥିବା ଜମିକୁ ବଂଶାନୁକ୍ରମେ ଭୋଗ କରୁଥିବା ଗ୍ରାମବାସୀ ସ୍ୱତ୍ୱାଧିକାରୀ ମନ୍ଦିର ପରିଚାଳନା କମିଟି ନାମରେ ରହିଥିବାରୁ ଏହାକୁ ଜମିଜମା ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଏପରିକି ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ସହାୟତା ପାଇପାରୁନାହାନ୍ତି। ଏହି ଜମି ବିକ୍ରି ଏବଂ ଆବଶ୍ୟକ ସମୟରେ ଜମିପଟା ବ୍ୟାଙ୍କରେ ବନ୍ଧକ ରଖି ଟଙ୍କା ଆଣିବାରେ ଅସୁବିଧା ହେଉଛି। ଆସନ୍ତା ୭ଦିନ ମଧ୍ୟରେ ଜନଶୁଣାଣି କରା ନ ଗଲେ, ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ୧୦ଦଫା ଦାବିରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨୫।୧୧:** ଭାରତୀୟ ମଜୁଦର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ଖୋର୍ଦ୍ଧା ଜିଲା ସଭାପତି ଗଣେଶ୍ୱର ଦାଶ, ବିଜୟ ପାତ୍ର, ଶରତ ସାହୁ, ଲକ୍ଷ୍ମଣ ଦାଶ, ସୁବାଷ ଚନ୍ଦ୍ର ମିଶ୍ର, ଶିବାନନ୍ଦ ହରିଚନ୍ଦନ, ଅକ୍ଷୟ ରଥ, ଅକ୍ଷୟ ରାଉତରାୟଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସଂସ୍ଥାର ମହିଳା ଅଧିକାରୀଙ୍କ ସମେତ ୭ ଗିରଫ

କଟକ ଅଫିସ,୨୫।୧୧



### ଆଇଆଇଏଫ୍‌ଏଲ୍‌ରୁ ଲୁଟ ଘଟଣା
■ ୨କୋଟିର ସୁନା ଅଳଙ୍କାର, କାର ଓ ୨ବାଇକ୍ ଜବତ

କଟକ ନୟାସଡ଼କ ଅଞ୍ଚଳରେ ଥିବା ଅର୍ଥ ଲଗାଣକାରୀ ସଂସ୍ଥା ଇଣ୍ଡିଆନ ଇନ୍‌ଫୋଲାଇନ ଫାଇନାନ୍ସ ଲିମିଟେଡ(ଆଇଆଇଏଫ୍‌ଏଲ୍) ଶାଖାରୁ ଲୁଟ୍ ଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ପଦାକୁ ଆସୁଛି। ଏଥିରେ ସଂସ୍ଥାର କର୍ମଚାରୀ ଲାଲା ଅମ୍ରିତ ରାୟ ସମ୍ପୃକ୍ତ ଥିବା ମଙ୍ଗଳବାର ଜଣାପଡ଼ିବା ପରେ ବୁଧବାର ଉକ୍ତ ସଂସ୍ଥାର ଜଣେ ମହିଳା ଅଧିକାରୀ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏହି ଘଟଣାରେ ଲାଲାଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମର୍କତନଗର ଥାନା ଅଞ୍ଚଳରେ ରହୁଥିବା ଲାଲା ଅମ୍ରିତ ରାୟ, କିଶୋରନଗର ଥାନା ବିଲାହାଟ ବିଶ୍ୱନାଥପୁରର ବାପି ଓରଫ ରଞ୍ଜନ କୁମାର ବେହେରା, ପ୍ରକାଶ କୁମାର ସାହୁ, ପବିତ୍ର କୁମାର ବେହେରା, ରାଜକିଶୋର ସାହୁ, ପୁରୀଘାଟ ଥାନା ଭଗତପୁରର ନିଳିମା ଲେଙ୍କା ଓ ଜଗତ୍‌ପୁର ବହୁଗ୍ରାମର ବାପି ଓରଫ ସନ୍ତୋଷ ଭୋଇ। ଏହି ଘଟଣାରେ ସମ୍ପୃକ୍ତ ସଂସ୍ଥାର ମହିଳା ଅଧିକାରୀ ନୀଳିମା ମାଷ୍ଟର ମାଇଣ୍ଡ ଥିବା ଜଣାପଡ଼ିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ୩ କେଜି ଓଜନର ସୁନାଗହଣା, ଗୋଟିଏ ଦାମୀ କାର, ୫ଲକ୍ଷ ଟଙ୍କା, ୨ଟି ବାଇକ୍, ଗୋଟିଏ ବୁଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସମ୍ପୃକ୍ତ ମହିଳା ଅଧିକାରୀଜଣକ କର୍ମଚାରୀ ଲାଲାଙ୍କ ସହଯୋଗରେ ଏହି ଲୁଟ କରିବାରେ ସଫଳ ହୋଇଥିଲେ ବୋଲି ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଲାଲା ଦୀର୍ଘ ୪ ବର୍ଷ ହେବ ଏଭଳି ହେରଫେର କରୁଥିଲେ। ଏଥିରେ ତାଙ୍କୁ ସହଯୋଗ କରୁଥିଲେ ନୀଳିମା। ଉଭୟ ମିଶି ଲୁଟ୍ ଯୋଜନାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ। ନୀଳିମା ଉକ୍ତ ସଂସ୍ଥାରେ କ୍ୱାଲିଟି ଚେକ୍ ଅଫିସର ଭାବେ କାମ କରୁଛନ୍ତି। ସଂସ୍ଥାରେ ବନ୍ଧକ ରଖାଯାଉଥିବା ସୁନା ଅସଲି କି ନକଲି ତାହା ଯାଞ୍ଚ କରିବା ନିଳିମାଙ୍କ କାମ ଥିଲା। ଲାଲା ବନ୍ଧକ ରଖାଯାଉଥିବା ସୁନାକୁ ନେଇ ଅନ୍ୟ ଅର୍ଥଲଗାଣକାରୀ ସଂସ୍ଥାରେ ବନ୍ଧକ ରଖି ମୋଟା ଅଙ୍କର ଋଣ ଆଣୁଥିଲେ। ଏଭଳି ଭାବେ ସେ କଟକର ଅନେକ ସଂସ୍ଥାରେ ସୁନା ବନ୍ଧକ ରଖି ଋଣ ଆଣିଛନ୍ତି। ଅର୍ଥାତ୍ ଗୋଟିଏ ସୁନା ଉପରେ ଡବଲ ଋଣ। ଅଡିଟ୍ ବେଳେ ନକଲି ସୁନା ଅଳଙ୍କାର ମିଶାଇ ଦେଖାଉଥିଲେ। ଯାହାଫଳରେ ସୁନାର ପରିମାଣ ଉପରେ କୌଣସି ସନ୍ଦେହ କରାଯାଇ ପାରୁନଥିଲା। ଏହାଛଡା ନକଲି କାଗଜପତ୍ର ଓ ପ୍ରମାଣପତ୍ର ବ୍ୟବହାର କରି ସୁନା ହେରଫେର କରୁଥିଲେ। ତେବେ ସଂସ୍ଥାରେ ନୂଆ ଅଡିଟର ଯୋଗଦେବା ପରେ ଦୁହିଁଙ୍କ କଳାକାରନାମା ଧରାପଡିଯିବା ଭୟ ରହିଥିଲା। ତେଣୁ ଉଭୟ ଲୁଟ୍ ଯୋଜନା ରଚିଥିଲେ। ପୂର୍ବ ଯୋଜନା ମୁତାବକ, ଗତ ୧୯ ତାରିଖ ପୂର୍ବାହ୍ନ ୯.୪୫ରେ ୪ ଦୁର୍ବୃତ୍ତ ମୁହଁରେ ମାସ୍କ ଓ ହେଲମେଟ୍ ପିନ୍ଧି କାର୍ଯ୍ୟାଳୟ ଭିତରେ ପଶିଥିଲେ। ଏହି ସମୟରେ ଲାଲା ଓ ନିଳିମା କିଛି ନ ଜାଣିଲା ଭଳି ଅଭିନୟ କରିଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇବାରୁ ଦୁହେଁ ଭୟଭୀତ ହେଲା ଭଳି ଅଭିନୟ କରି ଲକ୍ରର ଚାବି ଦେଇଦେବାକୁ କହିଥିଲେ। ଏଥିସହିତ ଲାଲା ଦୁର୍ବୃତ୍ତମାନଙ୍କ ସହ ଲକ୍‌ରକୁ ଯାଇ ସୁନା ଅଳଙ୍କାରକୁ ବ୍ୟାଗରେ ଦେଇଥିଲେ। ଏପରି କି ଲୁଟ୍ ଘଟଣାକୁ ସଫଳ ରୂପ ଦେବା ଲାଗି ଲାଲା ଦୁଇଦିନ ଆଗରୁ ସଂସ୍ଥା କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଓ ଆଲାର୍ମକୁ ଅଚଳ କରିଦେଇଥିଲେ। ତଦନ୍ତ ବେଳେ ଘଟଣା ଦିନ ରାତିରେ ଲାଲା ପେଟାନାଳରେ ଫିଙ୍ଗିଥିବା କିଛି ସୁନାକୁ ମଧ୍ୟ ପୋଲିସ ଜବତ କରିଛି। ସେହିପରି ବୁଧବାର ଅନ୍ୟ ଏକ ଅର୍ଥଲଗାଣକାରୀ ସଂସ୍ଥାରେ ଚଢାଉ କରି ପୋଲିସ୍ ବିପୁଳ ପରିମାଣର ସୁନା ଜବତ କରିଛି। ଅନ୍ୟପକ୍ଷରେ ପ୍ରକୃତରେ ଲୁଟ୍ ଦିନ ସଂସ୍ଥାର ଲକରରେ କେତେ ପରିମାଣର ସୁନା ଥିଲା ତାହା ସ୍ପଷ୍ଟ ହୋଇନାହିଁ। ଲାଲା ହେର୍‌ଫେର୍ କରିଥିବା ଅର୍ଥରେ ନାମୀଦାମୀ ହୋଟେଲରେ ରହିବା ସହ ଦାମୀ ଗାଡି ଚଢି ଅୟେଶ କରୁଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ଅଭିଯୁକ୍ତଙ୍କୁ ୧୨ବର୍ଷ ଜେଲ ଦଣ୍ଡାଦେଶ
### ମହିଳାଙ୍କୁ ବଳାତ୍କାର ମାମଲା

ଖୋର୍ଦ୍ଧା ଅଫିସ,୨୫।୧୧

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଦ୍ୱିତୀୟ ଜିଲା ଜଜ୍ ଅଭିଯୁକ୍ତଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଚମ୍ପାଦେଇପୁର ଗ୍ରାମର ଭଗବାନ ପ୍ରଧାନ। ପ୍ରକାଶ ଯେ, ୨୦୧୯ ଏପ୍ରିଲରେ ଅଭିଯୁକ୍ତ ଟାଙ୍ଗୀ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଘରେ କେହି ନ ଥିବା ସୁଯୋଗ ନେଇ ବଳାତ୍କାର କରିଥିଲେ। ଏ ନେଇ ତାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୯୭/୧୯ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଜଜ୍ ଅମିୟ ରଞ୍ଜନ ପଟ୍ଟନାୟକ ୧୨ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ପଟ୍ଟଚିତ୍ର, ଦିଆସିଲି କାଠି ଓ କାଗଜରେ ନାଗାର୍ଜୁନ ବେଶ

ପୁରୀ ଅଫିସ,୨୫।୧୧

ଦିନକ ପରେ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ। ଏହି ବେଶକୁ ପଟ୍ଟଚିତ୍ରରେ ଦେଖାଇବାକୁ ଚେଷ୍ଟା କରିଛନ୍ତି ଶିଳ୍ପୀ ପଙ୍କଜ ବେହେରା। ପଙ୍କଜ କହିଛନ୍ତି, କରୋନା କଟକଣା ଯୋଗୁ ଏଥର ଶ୍ରଦ୍ଧାଳୁ ନାଗାର୍ଜୁନ ବେଶ ଦେଖିପାରିବେ ନାହିଁ। ତେଣୁ ପଟ୍ଟଚିତ୍ରରେ ଅବିକଳ ଏହି ବେଶ କରିବାକୁ ମନସ୍ଥ କଲି। ମହାପ୍ରଭୁଙ୍କ ଆଶୀର୍ବାଦରୁ ୭ମାସ ମଧ୍ୟରେ ବଡ଼ ବଡ଼ ୫ଟି ପଟ୍ଟଚିତ୍ର ପ୍ରସ୍ତୁତ କରିଛି। ଏହାକୁ ପଟ୍ଟଚିତ୍ର ସେଣ୍ଟର ସଂଗ୍ରହାଳୟରେ ରଖାଯାଇଛି। ବର୍ଷତମାମ୍ ଯେ କେହି ଏହାକୁ ଦେଖି ପାରିବେ। ସୂଚନାଥାଉ କି, ପଙ୍କଜ ମହାପ୍ରଭୁଙ୍କର ଶହ ଶହ ପେଣ୍ଟିଂ ତିଆରି କରିଛନ୍ତି। ପୁରୀ ଗସ୍ତରେ ଆସିଥିବା ଭାରତର ଏକାଧିକ ପୂର୍ବତନ ରାଷ୍ଟ୍ରପତି ଏବଂ ବିଶିଷ୍ଟ ବ୍ୟକ୍ତିଙ୍କୁ ଭେଟି ସ୍ୱରୂପ ସରକାରଙ୍କ ପକ୍ଷରୁ ପଙ୍କଜଙ୍କ କଳାକୃତି ପ୍ରଦାନ କରାଯାଇଛି। ସେହିପରି ପୁରୀ କୁମ୍ଭାରପଡ଼ାର ଶାଶ୍ୱତ ରଞ୍ଜନ ସାହୁ ଦିଆସିଲି କାଠିରେ ତିଆରି କରିଛନ୍ତି ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ। ସେ ଏହି ବେଶକୁ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଭେଟିଦେବା ପାଇଁ ଇଚ୍ଛା ରଖିଛନ୍ତି। ଏ ସମ୍ପର୍କରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ଶାଶ୍ୱତ କହିଛନ୍ତି, ପିଲାଟି ଦିନରୁ ଚିତ୍ର କଳା ପ୍ରତି ଆଗ୍ରହ ରହିଛି। ପୂର୍ବରୁ ଦିଆସିଲି କାଠିରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ତିଆରି କରିଥିବାରୁ ନାଗାର୍ଜୁନ ବେଶ କରିବାକୁ ଆଗ୍ରହ ହେଲା। ୩,୬୩୫ ଦିଆସିଲି କାଠି ଏବଂ ଅଠା ବ୍ୟବହାର କରି ୨୯ ଇଞ୍ଚ ଉଚ୍ଚତା ଓ ୨୬ ଇଞ୍ଚ ଚଉଡ଼ା ବିଶିଷ୍ଟ ଏହି ପ୍ରତିମୂର୍ତ୍ତି ତିଆରି କରିଛି। ଏଥିପାଇଁ ତାଙ୍କୁ ୧୧ ଦିନ ଲାଗିଛି।



ପଙ୍କଜ ବେହେରା ତିଆରି କରିଥିବା ନାଗାର୍ଜୁନ ବେଶର ପଟ୍ଟଚିତ୍ର।



ପୁରୀ ଅମଲା କ୍ଲବ ନିକଟ କୁମୁଟି ସାହିର ସୂର୍ଯ୍ୟକାନ୍ତ ଦାସ ମଧ୍ୟ ଅଦରକାରୀ କାଗଜରେ ତିଆରି କରିଛନ୍ତି ନାଗାର୍ଜୁନ ବେଶ। ଦିନରେ ଦୋକାନ କାମ ସାରି ରାତିରେ ବଳକା ସମୟରେ ଏହି ବେଶ ପ୍ରସ୍ତୁତ କରିଛନ୍ତି। ଅଦରକାରୀ କାଗଜ, ମଇଦା ଅଠା, ରଙ୍ଗ ବ୍ୟବହାର କରି ସୂର୍ଯ୍ୟକାନ୍ତ ତିନିଠାକୁର ତିଆରି କରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଏହି ବେଶ କରିପାରିଥିବାରୁ ବେଶ୍ ଖୁସି ଓ ଗର୍ବିତ ବୋଲି ସୂର୍ଯ୍ୟକାନ୍ତ କହିଛନ୍ତି।

# ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ

ପୁରୀ ଅଫିସ,୨୫।୧୧

କାର୍ତ୍ତିକ ଶୁକ୍ଳ ଏକାଦଶୀରୁ ପଞ୍ଚକ ବ୍ରତ ଆରମ୍ଭ ହୋଇଛି। ପଞ୍ଚକର ପ୍ରଥମ ଦିନ ବୁଧବାର ରତ୍ନସିଂହାସନରେ ମହାପ୍ରଭୁଙ୍କର ଲକ୍ଷ୍ମୀନାରାୟଣ ତଥା ଠିଆକିଆ ବେଶ ଅନୁଷ୍ଠିତ ହୋଇଛି। ତେବେ ଏଥର କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁ ଏହି ବେଶ ଦର୍ଶନ କରିପାରି ନାହାନ୍ତି। ଶ୍ରୀକ୍ଷେତ୍ର ମଧ୍ୟ ଚଳଚଞ୍ଚଳ ଜଣାପଡୁନାହିଁ। ଅନ୍ୟପକ୍ଷରେ ଗୁରୁବାର କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ହେବ। ସେହିପରି ୨୭ରେ ନାଗାର୍ଜୁନ ବେଶ, ୨୮ରେ ତ୍ରିବିକ୍ରମ ବେଶ, ୨୯ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ୩୦ ତାରିଖ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ।

ବୁଧବାର ଭୋରୁ ଦ୍ୱାର ଫିଟି ଶ୍ରୀମନ୍ଦିରରେ ଭିତର ଶୋଧ ଓ ମଙ୍ଗଳ ଆଳତି କରାଯାଇଥିଲା। ମଇଲମ ଓ ତଡ଼ପଲାଗି କରାଯାଇ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଠାକୁରମାନଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ବିଭୂଷିତ କରିଥିଲେ ପୁଷ୍ପାଳକ ସେବକ। ଏଥିରେ ଠାକୁରମାନେ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଏହି ବେଶରେ ଠାକୁରମାନେ ଚୁଳ ଧାରଣ କରିଥିଲେ ଓ ସେଥିରେ ସୁନାକିଆ ଲଗାଯାଇଥିଲା। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ ବାଲଧୂପ ସରିବା ପରେ ତିନି ବାଡ଼ରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

## ଲକ୍ଷ୍ମୀନାରାୟଣ ବେଶରେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୨୫।୧୧
(ଡି.ଏନ୍.ଏ./ସ୍ୱ.ପ୍ର)

କାର୍ତ୍ତିକ ବଡ଼ ଏକାଦଶୀ ତିଥି ବୁଧବାର ସାକ୍ଷୀଗୋପାଳ ଠାକୁରଙ୍କ ଲକ୍ଷ୍ମୀନାରାୟଣ ବେଶ ଆରମ୍ଭ ହୋଇଛି। ଭୋର ୪ଟାରେ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ ଅବକାଶ ପରେ ଲକ୍ଷ୍ମୀନାରାୟଣ ବେଶ କରାଯାଇଥିଲା। ଏହି ବେଶରେ ଠାକୁର ସୁବର୍ଣ୍ଣ କିରୀଟ, ଚାପସରୀ, ହରଡଫାଳ ମାଳ, ହୀରାମୁଦ୍ରିକା, ସୁବର୍ଣ୍ଣବଂଶୀ ବେଙ୍ଗପାଟିଆ, ଅଁଳା ଓ ପୋହଳା ମାଳ, ବାଘନଖି ମାଳ, ତାବିଜ, ବାଙ୍କି, ନୂପୁର ଓ ପାଟଡୋରି ଲାଗି ହୋଇଥିଲେ। ସୁବର୍ଣ୍ଣ ଅଳଙ୍କାର ସହିତ ପାଟି ଚନ୍ଦନ ଓ ଅଧରମାଳ ଲଗାଇ ସାକ୍ଷୀଗୋପାଳ ଲକ୍ଷ୍ମୀନାରାୟଣ ବେଶରେ ଶୋଭା ପାଇଥିଲେ। କରୋନା କଟକଣା ଏବଂ ୧୪୪ ଧାରା ଜାରି ରହିଥିବାରୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସି ନ ଥିଲେ। ଏପରିକି ମନ୍ଦିର ବେଢ଼ାରେ ପଞ୍ଚୁକୋଶୀ ଲୋକେ ଠାକୁରଙ୍କ ପ୍ରିୟ ଚୁଡାଘଷା ଭୋଗ ଲାଗି କରି ପାରି ନ ଥିଲେ। ପାଳିଆ ସେବାୟତଙ୍କୁ ନେଇ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇ ସନ୍ଧ୍ୟାରେ ବିଜେ ପ୍ରତିମା ମଦନ ମୋହନଙ୍କ ଏକାଦଶୀ ବେଢ଼ା ପରିକ୍ରମା,ଏକାଦଶୀ ଭୋଗ ଓ ମନ୍ଦିର ଚୂଡାକୁ ମହାଦୀପ ଉଠିଥିଲା। ବିଳମ୍ବିତ ରାତିରେ ଦେବଉତ୍‌ଥାପନ ନୀତି କରାଯାଇ ମନ୍ଦିର ପହଡ ପଡ଼ିଥିଲା। ସତ୍ୟବାଦୀ ବିଡିଓ କ୍ଷୀରୋଦ ବେହେରା ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ।

# 'ବାହାର ଲୋକେ ପୁରୀ ନ ଆସନ୍ତୁ'

### ନାଗାର୍ଜୁନ ବେଶ, କାର୍ତ୍ତିକ ପୂର୍ଣ୍ଣିମା ପାଇ ପ୍ରଶାସନର ଅନୁରୋଧ

ପୁରୀ ଅଫିସ,୨୫।୧୧

ପଞ୍ଚକ ବ୍ରତ ବୁଧବାରଠାରୁ ଆରମ୍ଭ ହୋଇଛି। ଦିନକ ପରେ ଅର୍ଥାତ୍ ଶୁକ୍ରବାର ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶ। ଏହାପରେ କାର୍ତ୍ତିକ ପୂର୍ଣ୍ଣିମା। ଏହି ବିଶେଷ ପର୍ବପର୍ବାଣି ପାଇଁ ପୁରୀ ଜିଲା ପ୍ରଶାସନ କେତେକ କଟକଣା ଜାରି କରିଛି। ନାଗାର୍ଜୁନ ବେଶ ଓ କାର୍ତ୍ତିକ ପୂର୍ଣ୍ଣିମାରେ ବାହାର ଲୋକଙ୍କୁ ପୁରୀ ନ ଆସିବା ପାଇଁ ପ୍ରଶାସନ ପକ୍ଷରୁ ଉପଜିଲାପାଳ ଭବତାରଣ ସାହୁ ଅନୁରୋଧ କରିଛନ୍ତି।

ଏଥର ସବୁକିଛି ବିଗାଡ଼ି ଦେଇଛି କରୋନା। ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ୮ମାସ ହେଲା ଭକ୍ତଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଲଗାଯାଇଛି, ଯାହା ଏବେ ବି ବଳବତ୍ତର ରହିଛି। ଅନ୍ୟପକ୍ଷରେ ଏଥର ପଞ୍ଚକ ୬ଦିନ ପଡୁଥିବାବେଳେ ଆସନ୍ତା ଶୁକ୍ରବାର ଦାରୁବିଗ୍ରହଙ୍କ ନାଗାର୍ଜୁନ ବେଶ ଅନୁଷ୍ଠିତ ହେବ। କିନ୍ତୁ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ଥିବାରୁ ବାହାର ଲୋକଙ୍କୁ ପୁରୀ ନ ଆସିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ଏଥର ସ୍ଥିତି ଭିନ୍ନ ରହିଛି। ତେଣୁ ପଞ୍ଚକ ପାଇଁ ମରିଚିକୋଟ ଛକଠାରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ଏହିଠାରୁ ଭକ୍ତମାନେ ଚାଲି ଚାଲି ଯିବେ। ପତିତପାବନଙ୍କୁ ଦର୍ଶନ କରିବା ପରେ କାକୁଡ଼ିଖାଇ ଛକ ଦେଇ ବାହାରିବେ। ନାଗାର୍ଜୁନ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ବାହାର ଲୋକେ ପୁରୀ ଆସନ୍ତୁ ନାହିଁ। ଘରେ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ। କିନ୍ତୁ ପୁରୀବାସୀ ପତିତପାବନଙ୍କ ଦର୍ଶନ କରିପାରିବେ। ତିନିଦ୍ୱାରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହେବ। ସେହିପରି ନାଗାର୍ଜୁନ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରଦ୍ଧାଳୁ କିପରି ମହାପ୍ରସାଦ ସୁରୁଖୁରୁରେ ପାଇବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଅଧିକ ଭିଡ଼ ହେବା ସମ୍ଭାବନା ଥିବାରୁ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠରେ ଅବଢ଼ା ଯୋଗାଇ ଦିଆଯିବ।

# ଖୋର୍ଦ୍ଧା ସହର ସ୍ୱଚ୍ଛତାକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨୫।୧୧

ସ୍ୱଚ୍ଛ ଭାରତ ସର୍ବେକ୍ଷଣ-୨୦୨୧ ତାଲିକାରେ ଶୀର୍ଷତା ହାସଲ ଲାଗି ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସ୍ୱଚ୍ଛ ଖୋର୍ଦ୍ଧା, ସୁନ୍ଦର ଖୋର୍ଦ୍ଧା ଅଭିଯାନ। ଏହାକୁ ତ୍ୱରାନ୍ୱିତ ଲାଗି ପୌର ପ୍ରଶାସନ ଅଧୀନରେ କାର୍ଯ୍ୟରତ ସ୍ୱଚ୍ଛ ସାଥୀ, ସାନିଟାଇଜ୍ କର୍ମଚାରୀଙ୍କୁ ସଚେତନ ଉଦ୍ଦେଶ୍ୟରେ ଚାଲିଥିବା ସ୍ୱଚ୍ଛ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ଯୋଗଦେଇ ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟ ଦିଗରେ ସାନିଟାଇଜ୍ କର୍ମଚାରୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଏହା ସହ ପ୍ରଶିକ୍ଷଣ ଗ୍ରହଣ କରିଥିବା ସମସ୍ତ କର୍ମଚାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି, ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ ଖୋର୍ଦ୍ଧା ପୌର ପରିଷଦ ଶୀର୍ଷରେ ରହିବା ଲାଗି ପରିଷଦ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ସେଥିଲାଗି ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଛି। ସମସ୍ତ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସହରର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ଛକରେ ସ୍ୱଚ୍ଛତା ୱାଲ ପେଣ୍ଟିଂ ସହ ହୋର୍ଡିଂ ଲଗାଯାଇଛି। ୨୨ୱାର୍ଡ ମଧ୍ୟରୁ ୧ ଏବଂ ୨କୁ ବାଦଦେଇ ସମସ୍ତ ୱାର୍ଡ ସଫେଇ ଲାଗି ଘରୋଇ ସଂସ୍ଥାକୁ ଠିକା ଦିଆଯାଇଛି ବୋଲି ସାନିଟାଇଜ୍ ଏକ୍ସପର୍ଟ ଦେବାଶିଷ ବରାଳ କହିଛନ୍ତି।




କାର୍ଯ୍ୟକ୍ରମରେ ଜଣେ କର୍ମଚାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

# ପୁଣି ଖୋର୍ଦ୍ଧା ସହରରେ ହାତୀପଲ

ଖୋର୍ଦ୍ଧା ଅଫିସ, ୨୫।୧୧



### ମେଡିକାଲ ପାଚେରି ଭାଙ୍ଗିଲେ

ପୁଣି ଖୋର୍ଦ୍ଧା ସହରମୁହାଁ ହୋଇଛି ଏକ ହାତୀପଲ। ଏଥିରେ ୧୮ଟି ହାତୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ୪ଟି ଛୁଆ, ୨ଟି ଦନ୍ତା ଥିବା ଜଣାପଡ଼ିଛି। ମଙ୍ଗଳବାର ରାତିରେ ଜରିପୁଟ ଜଙ୍ଗଲରୁ ଏହି ହାତୀପଲ ଚାଲିଆସି ଖୋର୍ଦ୍ଧା ସହରରେ ପ୍ରବେଶ କରିଛନ୍ତି। ବୁଧବାର ଭୋର ସମୟରେ ଖୋର୍ଦ୍ଧା ମେଡିକାଲ ପଛପଟ ଦେଇ ପଶିବା ଲାଗି ଉଦ୍ୟମ କରିବା ବେଳେ ମେଡିକାଲ ପାଚେରି ଭାଙ୍ଗିଛନ୍ତି। ଖବର ପାଇ ବନ ବିଭାଗର ଟିମ୍ ପହଞ୍ଚି ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ହାତୀପଲ ସେଠାରୁ ଶରଧାପୁର କାଜୁ ଜଙ୍ଗଲକୁ ଚାଲି ଆସିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ହାତୀପଲ ସେଠାରେ ରହିଥିଲେ। ହାତୀପଲକୁ ନିକଟ ଜଙ୍ଗଲକୁ ଘଉଡ଼ାଇବା ଲାଗି ବନ ବିଭାଗର ଏକ ଟିମ୍ ସେଠାରେ ଉପସ୍ଥିତ ରହିଥିବା ଖୋର୍ଦ୍ଧା ରେଞ୍ଜର ଅସିତ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ହାତୀପଲ ଯୋଗୁ ସହରବାସୀ ଭୟଭୀତ ହୋଇପଡ଼ିଛନ୍ତି।

ଗତ ଦୁଇମାସ ମଧ୍ୟରେ ଚତୁର୍ଥ ଥର ଲାଗି ଖୋର୍ଦ୍ଧା ସହରରେ ହାତୀ ପ୍ରବେଶ କରିଛନ୍ତି। ଖାଦ୍ୟ ଅନ୍ୱେଷଣରେ ହାତୀମାନେ ଜଙ୍ଗଲ ଛାଡ଼ି ପାଖ ଗାଁ ଓ ସହର ଆଡ଼କୁ ମୁହାଁଉଛନ୍ତି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୭ତାରିଖରେ ଏକ ହାତୀ କୁମାରବସ୍ତ କାଜୁ ଜଙ୍ଗଲରୁ ଖୋର୍ଦ୍ଧା ସହର ଆଡ଼କୁ ଚାଲି ଆସିଥିଲା। ରାତି ସାଢେ ୮ଟାରେ ସ୍ଥାନୀୟ ଛକରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଫଳରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିଲେ। ଏହି ରାସ୍ତା ଦେଇ ଯାତାୟାତ ଠପ୍ ହୋଇଯାଇଥିଲା। ସେହିପରି ଗତ ଅକ୍ଟୋବର ୭ରେ ଖୋର୍ଦ୍ଧା ଉପକଣ୍ଠ ପଲ୍ଲା ସ୍କୁଲ ନିକଟରେ ଏକ ଦନ୍ତା ହାତୀ ପଶିଥିଲା। ସେଠାରେ ଥିବା ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ କାର୍ଯ୍ୟାଳୟର ଏକ ପାଚେରି ଭାଙ୍ଗିଥିଲା। ଅକ୍ଟୋବର ୪ତାରିଖ ରାତିରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗ ନିକଟରେ ଦୁଇଟି ଦନ୍ତା ହାତୀ ପଶି ପାଚେରୀ ଭାଙ୍ଗିଥିଲେ। ବାରମ୍ବାର ଏଭଳି ଘଟଣା ଯୋଗୁ ଖୋର୍ଦ୍ଧା ସହରବାସୀଙ୍କୁ ଭୟଭୀତ ଅବସ୍ଥାରେ ରହିବାକୁ ପଡୁଛି। ଏହାସତ୍ତ୍ୱେ ବନ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉନାହିଁ। ଏ ନେଇ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସମ୍ୟକ ସାମନ୍ତରା କହିଛନ୍ତି ଯେ, ହାତୀପଲକୁ ନିୟନ୍ତ୍ରଣ କରିବା ଲାଗି ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ଅନୁସାରେ କ୍ଷତିପୂରଣ ଦିଆଯିବ। ପ୍ରଥମ ଥର ଲାଗି ଖୋର୍ଦ୍ଧା ବନଖଣ୍ଡରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ୯୦ ଦିନ ପରିବର୍ତ୍ତେ ୪୫ରୁ ୬୦ ଦିନ ମଧ୍ୟରେ କ୍ଷତିପୂରଣ ଦିଆଯିବା ନେଇ ଯୋଜନା କରାଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଏ ନେଇ ଦରଖାସ୍ତ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଭିଏସ୍‌ଏସ୍ ଜରିଆରେ ୧୦ଟି ଗ୍ରାମରେ ପାଇଲଟ ବେସିସ୍‌ରେ ୧୦ଜଣ ଗଜବନ୍ଧୁଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୧୦ଟି ଗ୍ରାମରେ ବେତାର ସୋଲାର ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ହୋଇଛି। ଜଙ୍ଗଲରୁ ଯେପରି ହାତୀ ଗାଁ ମୁହାଁ ଅଥବା କ୍ଷେତ ଆଡ଼କୁ ନ ଯିବେ ସେଥିଲାଗି ହାତୀ ନିର୍ବାପନ ଟ୍ରେଞ୍ଚ ଖନନ କରାଯାଇଛି। ଏହି ଯୋଜନା ଫଳପ୍ରଦ ହେଲେ, ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯିବ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି।

## ମହିଳାଙ୍କଠାରୁ ଝାମ୍ପିନେଲେ ସୁନା ଚେନ୍

ଭୁବନେଶ୍ୱର,(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଧୀନ ଜଗନ୍ନାଥ ନଗରର ଗାୟତ୍ରୀ ଦାସଙ୍କଠାରୁ ବୁଧବାର ଜଣେ ଦୁର୍ବୃତ୍ତ ସୁନାଚେନ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଗାୟତ୍ରୀଙ୍କ ସ୍ୱାମୀ ସଂଗ୍ରାମ କିଶୋର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନରେ ଗାୟତ୍ରୀ ତାଙ୍କର ଜଣେ ସାଥୀଙ୍କ ସହ ରାସ୍ତାରେ ଚାଲି ଚାଲି ଯାଉଥିଲେ। ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ସେମାନଙ୍କ ନିକଟରେ ଗାଡ଼ି ରଖିବା ସହ ଗାୟତ୍ରୀଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୫।୧୧(ସ୍ୱ.ପ୍ର.): ପୋଖରୀରେ ବୁଡ଼ି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଝଡ଼େଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ଜଣେ ନାବାଳିକାଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ସୁଶାନ୍ତ ପାତ୍ରଙ୍କ ଝିଅ ପୁଷ୍ପାଞ୍ଜଳୀ(୭)। ସେ ଘର ପାଖରେ ସାଇକେଲ ଚଲାଉଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ନିକଟରେ ଥିବା ପୋଖରୀରେ ପଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପୁଷ୍ପାଞ୍ଜଳିଙ୍କୁ ମୃତ ଘୋଷଣା କରିଥିଲେ।

### ପାଉଁରୁଟି ଫ୍ୟାକ୍ଟ୍ରିରୁ ୪ ନାବାଳକ ଉଦ୍ଧାର

ଭୁବନେଶ୍ୱର,୨୫।୧୧(ବ୍ୟୁରୋ) : ପଳାସପଲ୍ଲୀସ୍ଥିତ ଏକ ପାଉଁରୁଟି ଫ୍ୟାକ୍ଟ୍ରିରୁ ଚାଇଲ୍ଡ ଲାଇନ୍ ଓ ଏୟାରପୋର୍ଟ ଥାନା ପୋଲିସ ବୁଧବାର ୪ଜଣ ନାବାଳକଙ୍କୁ ଉଦ୍ଧାର କରିଛି। ସମସ୍ତଙ୍କ ଘର ଗଞ୍ଜାମ ଜିଲାରେ ବୋଲି ଜଣାପଡିଛି। ଜଣଙ୍କର ବୟସ ୧୪ ବର୍ଷ ହୋଇଥିବାବେଳେ ଅନ୍ୟମାନଙ୍କର ୧୩ ବର୍ଷରୁ କମ୍ ଥିବା ନେଇ ଚାଇଲ୍ଡ ଲାଇନ୍ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର ପରେ ସେମାନଙ୍କୁ ରୁଚିକାସ୍ଥିତ ମୁକ୍ତ ଆଶ୍ରୟସ୍ଥଳୀରେ ରଖାଯାଇଛି। ଫ୍ୟାକ୍ଟ୍ରି ମାଲିକ ମନୋଜ ଗୌଡ଼ ନିଜ ଗାଁରୁ ଏହି ନାବାଳକଙ୍କୁ ଆଣି କାର୍ଯ୍ୟରେ ଲଗାଇଥିଲେ ବୋଲି ଶିଶୁ ସୁରକ୍ଷା ଅଧିକାରୀ କହିଛନ୍ତି। କରୋନା ଓ ଲକ୍‌ଡାଉନ୍ ଯୋଗୁ ସ୍କୁଲ ବନ୍ଦ ଥିବାରୁ ଏମାନଙ୍କୁ ଆଣି କାମରେ ଲଗାଇଥିଲେ। ପ୍ରତିମାସରେ ୪ହଜାର ଟଙ୍କା ଲେଖାଏ ଦେଉଥିଲେ ବୋଲି ମନୋଜ ଶିଶୁ ସୁରକ୍ଷା ଅଧିକାରୀଙ୍କୁ କହିଛନ୍ତି। ତେବେ ଏହି ଘଟଣାରେ ଶିଶୁ କଲ୍ୟାଣ ସମିତି ପକ୍ଷରୁ ତଦନ୍ତ କରାଯାଉଛି ବୋଲି ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି ସୂଚନା ଦେଇଛନ୍ତି।

### ଠକେଇ: ୩ ଗିରଫ

ଚୌଦ୍ୱାର,୨୫।୧୧(ଡି.ଏନ୍.ଏ.): ଜମି ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୫ ଲକ୍ଷ ଠକି ନେବା ଅଭିଯୋଗରେ ଚୌଦ୍ୱାର ପୋଲିସ ବୁଧବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ଚଷାପଡ଼ା ଗ୍ରାମର ରସାନନ୍ଦ ପ୍ରଧାନ, ବଡ଼ ପାଦାଗାଁର ବିଚିତ୍ରାନନ୍ଦ ରାଉତ ଓ ସଞ୍ଜୟ ରାଉତ।

### ଯୁବତୀଙ୍କୁ ଅସଦାଚରଣ, ଜଣେ ଗିରଫ

ଭୁବନେଶ୍ୱର,୨୫।୧୧- ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ବଡଗଡ ଅଞ୍ଚଳରେ ରହୁଥିବା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍‌ର ଜି. ମହେଶ(୩୩)। ପୋଲିସ ତାଙ୍କ ବିରୋଧରେ ଏକ ମାମଲା (୭୭୨/୨୦୨୦) ରୁଜୁ କରି କୋର୍ଟ ଚାଲାଣ କରିଛି।

### କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଅନ୍ତା,୨୫।୧୧(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ସାନ-ବଇଁଚୁଆ ଗ୍ରାମରେ ୩ଲକ୍ଷ ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଆଦିକନ୍ଦ ବେହେରା, ସମିତି ସଭ୍ୟା ରାଜଲକ୍ଷ୍ମୀ ନାଥ, ସିଦ୍ଧେଶ୍ୱର ନାଥ, ମାଗୁଣି ସେଠୀ, ବସନ୍ତ ନାୟକ, ଶିବ ମଲ୍ଲିକ, ତାପସ ଜେନା, ସଞ୍ଜୟ ତ୍ରିପାଠୀ, ସଞ୍ଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲ ତଳକୁ ଖସିଲା ଟ୍ରକ୍

ଚୌଦ୍ୱାର,୨୫।୧୧(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅନ୍ତର୍ଗତ ନୁନ୍‌ଟିକିରୀ ନିକଟସ୍ଥ ଚାଉଳିଆ ପୋଲ ତଳକୁ ଏକ ପାଉଁଶ ବୋଝେଇ ଟ୍ରକ୍ ବୁଧବାର ଓଲଟି ପଡ଼ିଛି। ନାଲ୍‌କୋରୁ ଯାଜପୁର ଅଭିମୁଖେ ଯାଉଥିବା ଏହି ଟ୍ରକ(ନଂ.ଓଡି୧୯ଏମ୍-୩୯୫୧) ପୋଲ ମୁଣ୍ଡରେ ଭାରସାମ୍ୟ ହରାଇଥିଲା। ଦୁର୍ଘଟଣାରେ ଚାଳକ ଆହତ ହୋଇଥିଲେ। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ।

# ସଂସ୍ଥାର ମହିଳା ଅଧିକାରୀଙ୍କ ସମେତ ୭ ଗିରଫ

କଟକ ଅଫିସ,୨୫।୧୧





## ଆଇଆଇଏଫ୍‌ଏଲ୍‌ରୁ ଲୁଟ ଘଟଣା

**■୨କୋଟିର ସୁନା ଅଳଙ୍କାର, ୫ ଲକ୍ଷ ଟଙ୍କା ଓ କାର ଜବତ**

କଟକ ନୟାସଡ଼କ ଅଞ୍ଚଳରେ ଥିବା ଅର୍ଥ ଲଗାଣକାରୀ ସଂସ୍ଥା ଇଣ୍ଡିଆନ ଇନ୍‌ଫୋଲାଇନ ଫାଇନାନ୍ସ ଲିମିଟେଡ(ଆଇଆଇଏଫ୍‌ଏଲ୍) ଶାଖାରୁ ଲୁଟ୍ ଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ପଦାକୁ ଆସୁଛି। ଏଥିରେ ସଂସ୍ଥାର କର୍ମଚାରୀ ଲାଲା ଅମ୍ରିତ ରାୟ ସମ୍ପୃକ୍ତ ଥିବା ମଙ୍ଗଳବାର ଜଣାପଡ଼ିବା ପରେ ବୁଧବାର ଉକ୍ତ ସଂସ୍ଥାର ଜଣେ ମହିଳା ଅଧିକାରୀ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏହି ଘଟଣାରେ ଲାଲାଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମର୍କତନଗର ଥାନା ଅଞ୍ଚଳରେ ରହୁଥିବା ଲାଲା ଅମ୍ରିତ ରାୟ, କିଶୋରନଗର ଥାନା ବିଲାହାଟ ବିଶ୍ୱନାଥପୁରର ବାପି ଓରଫ ରଞ୍ଜନ କୁମାର ବେହେରା, ପ୍ରକାଶ କୁମାର ସାହୁ, ପବିତ୍ର କୁମାର ବେହେରା, ରାଜକିଶୋର ସାହୁ, ପୁରୀଘାଟ ଥାନା ଭଗତପୁରର ନିଳିମା ଲେଙ୍କା ଓ ଜଗତ୍‌ପୁର ବହୁଗ୍ରାମର ବାପି ଓରଫ ସନ୍ତୋଷ ଭୋଇ। ଏହି ଘଟଣାରେ ସମ୍ପୃକ୍ତ ସଂସ୍ଥାର ମହିଳା ଅଧିକାରୀ ନୀଳିମା ମାଷ୍ଟର ମାଇଣ୍ଡ ଥିବା ଜଣାପଡ଼ିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ୩ କେଜି ଓଜନର ସୁନାଗହଣା, ଗୋଟିଏ ଦାମୀ କାର, ୫ଲକ୍ଷ ଟଙ୍କା, ୨ଟି ବାଇକ୍, ଗୋଟିଏ ବୁଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସମ୍ପୃକ୍ତ ମହିଳା ଅଧିକାରୀଜଣକ କର୍ମଚାରୀ ଲାଲାଙ୍କ ସହଯୋଗରେ ଏହି ଲୁଟ କରିବାରେ ସଫଳ ହୋଇଥିଲେ ବୋଲି ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଲାଲା ଦୀର୍ଘ ୪ ବର୍ଷ ହେବ ଏଭଳି ହେରଫେର କରୁଥିଲେ। ଏଥିରେ ତାଙ୍କୁ ସହଯୋଗ କରୁଥିଲେ ନୀଳିମା। ଉଭୟ ମିଶି ଲୁଟ୍ ଯୋଜନାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ। ନୀଳିମା ଉକ୍ତ ସଂସ୍ଥାରେ କ୍ୱାଲିଟି ଚେକ୍ ଅଫିସର ଭାବେ କାମ କରୁଛନ୍ତି। ସଂସ୍ଥାରେ ବନ୍ଧକ ରଖାଯାଉଥିବା ସୁନା ଅସଲି କି ନକଲି ତାହା ଯାଞ୍ଚ କରିବା ନିଳିମାଙ୍କ କାମ ଥିଲା। ଲାଲା ବନ୍ଧକ ରଖାଯାଉଥିବା ସୁନାକୁ ନେଇ ଅନ୍ୟ ଅର୍ଥଲଗାଣକାରୀ ସଂସ୍ଥାରେ ବନ୍ଧକ ରଖି ମୋଟା ଅଙ୍କର ଋଣ ଆଣୁଥିଲେ। ଏଭଳି ଭାବେ ସେ କଟକର ଅନେକ ସଂସ୍ଥାରେ ସୁନା ବନ୍ଧକ ରଖି ଋଣ ଆଣିଛନ୍ତି। ଅର୍ଥାତ୍ ଗୋଟିଏ ସୁନା ଉପରେ ଡବଲ ଋଣ। ଅଡିଟ୍ ବେଳେ ନକଲି ସୁନା ଅଳଙ୍କାର ମିଶାଇ ଦେଖାଉଥିଲେ। ଯାହାଫଳରେ ସୁନାର ପରିମାଣ ଉପରେ କୌଣସି ସନ୍ଦେହ କରାଯାଇ ପାରୁନଥିଲା। ଏହାଛଡା ନକଲି କାଗଜପତ୍ର ଓ ପ୍ରମାଣପତ୍ର ବ୍ୟବହାର କରି ସୁନା ହେରଫେର କରୁଥିଲେ। ତେବେ ସଂସ୍ଥାରେ ନୂଆ ଅଡିଟର ଯୋଗଦେବା ପରେ ଦୁହିଁଙ୍କ କଳାକାରନାମା ଧରାପଡିଯିବା ଭୟ ରହିଥିଲା। ତେଣୁ ଉଭୟ ଲୁଟ୍ ଯୋଜନା ରଚିଥିଲେ। ପୂର୍ବ ଯୋଜନା ମୁତାବକ, ଗତ ୧୯ ତାରିଖ ପୂର୍ବାହ୍ନ ୯.୪୫ରେ ୪ ଦୁର୍ବୃତ୍ତ ମୁହଁରେ ମାସ୍କ ଓ ହେଲମେଟ୍ ପିନ୍ଧି କାର୍ଯ୍ୟାଳୟ ଭିତରେ ପଶିଥିଲେ। ଏହି ସମୟରେ ଲାଲା ଓ ନିଳିମା କିଛି ନ ଜାଣିଲା ଭଳି ଅଭିନୟ କରିଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇବାରୁ ଦୁହେଁ ଭୟଭୀତ ହେଲା ଭଳି ଅଭିନୟ କରି ଲକ୍ଷର ଚାବି ଦେଇଦେବାକୁ କହିଥିଲେ। ଏଥିସହିତ ଲାଲା ଦୁର୍ବୃତ୍ତମାନଙ୍କ ସହ ଲକ୍କରକୁ ଯାଇ ସୁନା ଅଳଙ୍କାରକୁ ବ୍ୟାଗରେ ଦେଇଥିଲେ। ଏପରି କି ଲୁଟ୍ ଘଟଣାକୁ ସଫଳ ରୂପ ଦେବା ଲାଗି ଲାଲା ଦୁଇଦିନ ଆଗରୁ ସଂସ୍ଥା କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଓ ଆଲାର୍ମକୁ ଅଚଳ କରିଦେଇଥିଲେ। ତଦନ୍ତ ବେଳେ ଘଟଣା ଦିନ ରାତିରେ ଲାଲା ପେଟାନାଳରେ ଫିଙ୍ଗିଥିବା କିଛି ସୁନାକୁ ମଧ୍ୟ ପୋଲିସ ଜବତ କରିଛି। ସେହିପରି ବୁଧବାର ଅନ୍ୟ ଏକ ଅର୍ଥଲଗାଣକାରୀ ସଂସ୍ଥାରେ ଚଢାଉ କରି ପୋଲିସ୍ ବିପୁଳ ପରିମାଣର ସୁନା ଜବତ କରିଛି। ଅନ୍ୟପକ୍ଷରେ ପ୍ରକୃତରେ ଲୁଟ୍ ଦିନ ସଂସ୍ଥାର ଲକରରେ କେତେ ପରିମାଣର ସୁନା ଥିଲା ତାହା ସ୍ପଷ୍ଟ ହୋଇନାହିଁ। ଲାଲା ହେର୍‌ଫେର୍ କରିଥିବା ଅର୍ଥରେ ନାମୀଦାମୀ ହୋଟେଲରେ ରହିବା ସହ ଦାମୀ ଗାଡି ଚଢି ଅୟେଶ କରୁଥିଲେ। ଏନେଇ ସଂସ୍ଥା ପକ୍ଷରୁ ତାପସ ରଞ୍ଜନ ସ୍ୱାଇଁ ଲାଲବାଗ ଥାନାରେ କରିଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୯୪/୨୦) ରୁଜୁ କରିଛି।

## ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ର ଚରଣ ମହାନ୍ତିଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର,୨୫।୧୧(ଡି.ଏନ୍.ଏ.)

ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ର ଚରଣ ମହାନ୍ତିଙ୍କ ୯୩ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ବିପ୍ର ଚରଣ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ରାଜ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଖୋର୍ଦ୍ଧା ଜିଲାପାଳ ସନତ୍ ମହାନ୍ତି, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ ପ୍ରମୁଖ ଭାସ୍କର୍ଯ୍ୟ ଶିଳ୍ପୀ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ୟୁନିଟ-୪ ଛକସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଭାସ୍କର୍ଯ୍ୟ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଚଳିତ ଶିକ୍ଷାବର୍ଷ ପାଇଁ ଧଉଳି ଚାରୁକଳା ମହାବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗର ଛାତ୍ରୀ ସରସ୍ୱତୀ ଅଙ୍ଗରିଆଙ୍କୁ ଟ୍ରଷ୍ଟର ଅଧ୍ୟକ୍ଷା ରୀତା ମହାନ୍ତି ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନୀକୁ ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱକାନ୍ତ ପଣ୍ଡା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଖଲ୍ଲିକୋଟ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, କ୍ୟାପଟେନ ଡି.କେ. ମହାନ୍ତି, ବାଦଲ ମହାନ୍ତି, ଅନେକ ଶିଳ୍ପୀ ଉପସ୍ଥିତ ଥିଲେ।

## ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ

ଖୁଣ୍ଟୁଣୀ,୨୫।୧୧(ଡି.ଏନ.ଏ.)



**ପଞ୍ଚକ ଓ ବଡ଼ଓଷା ଯାତ୍ରା ଆରମ୍ଭ**

କୋଭିଡ୍ କଟକଣା ମଧ୍ୟରେ ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପଞ୍ଚକ ଓ ବଡଓଷା ପର୍ବ ଆରମ୍ଭ ହୋଇଛି। ଭୋର ସାଢେ ୪ ଟାରେ ମନ୍ଦିର ପହଡ଼ ଖୋଲାଯାଇ ବିଭିନ୍ନ ନୀତି କରାଯିବା ସହ ବଡ଼ସିଂହାର ବେଶ କରାଯାଇଥିଲା। ଏହାପରେ ଖେଚୁଡ଼ି ଭୋଗ ଲାଗି ହୋଇଥିଲା। ସେହିପରି ରାତ୍ରିର ପ୍ରଥମ ପ୍ରହରରେ ଦହିପଖାଳ ଲାଗି କରାଯାଇ ପହଡ଼ ପଡିଥିଲା। ବୁଧବାର ସମଗ୍ର ପୀଠ ଓ ଏହାର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି ହୋଇଥିବାରୁ ବାହାରୁ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଆସି ନ ଥିଲେ। ଧବଳେଶ୍ୱର ଓ ମଞ୍ଚେଶ୍ୱର ପାଇକେରାପୁର ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା। ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ, ଗୁରୁଡିଝାଟିଆ ଓ ଖୁଣ୍ଟୁଣୀ ଥାନା ଆଇଆଇସି, ୭ ପ୍ଲାଟୁନ ଫୋର୍ସ ସହ ଅତିରିକ୍ତ ଏସପି ପି.କେ. ଜେନା ଓ ଅଲେଖ ଚନ୍ଦ୍ର ପହି ପ୍ରମୁଖ ମଧୁସୂଦନ ସେତୁ ଓ ମଞ୍ଚେଶ୍ୱର ପାଖରେ ଉପସ୍ଥିତ ରହିଥିଲେ। କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋର ପୋଲିସ ବ୍ୟବସ୍ଥାର ତଦାରଖ କରିଥିଲେ।

## ବିପନ୍ନଙ୍କୁ ସହାୟତା ଯୋଗାଇ ଦିଆଯାଉ

କଟକ ଅଫିସ, ୨୫।୧୧

ସିଡିଏ-୧୧ସ୍ଥିତ ଗାଙ୍ଗୁଲିବସ୍ତିରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ୧୨ ବଖରା ଜଳିଯାଇଛି। ତୁରନ୍ତ ବିପନ୍ନମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଦାବି ହୋଇଛି। ମଞ୍ଚର କର୍ମକର୍ତ୍ତାଙ୍କ ସହ ବସ୍ତିବାସିନ୍ଦା ଜିଲାପାଳଙ୍କ ଅଫିସ୍‌ରେ ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଏ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଦର୍ଶାଯାଇଛି, ନିଆଁ ଲାଗିଯିବା ଫଳରେ ସେମାନଙ୍କ ଆସବାବପତ୍ର ପୋଡି ଯାଇଛି। ଶୀତଦିନ ହୋଇଥିବାରୁ ସେମାନଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଛି। ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ପାଭେଲ ପ୍ରିୟଦର୍ଶନ, ସ୍ୱାଧୀନ ବେହେରା, ସିଙ୍ଗରାଇ ସିଂ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସମସ୍ତ ଚେଷ୍ଟା ସତ୍ତ୍ୱେ କାଳିଆ ଛାଡ଼ି ଚାଲିଗଲା: ବାପା

କଟକ ଅଫିସ୍, ୨୫।୧୧

**ଗ୍ରାମରେ ହେବ ସଂସ୍କାର**



କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗାକାଳିଆଙ୍କ ୨୦୧୭ ଅଗଷ୍ଟ ଓ ଅକ୍ଟୋବରରେ ୨ଟି ପର୍ଯ୍ୟାୟରେ ଦିଲ୍ଲୀ ଏମ୍ସରେ ଅସ୍ତ୍ରୋପଚାର କରାଯାଇ ଉଭୟଙ୍କୁ ଅଲଗା କରାଯାଇଥିଲା। ଏହି ବିରଳ ଅସ୍ତ୍ରୋପଚାର ପାଇଁ ଡାକ୍ତରୀ ଟିମ୍‌କୁ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ, ରାଜ୍ୟ ସରକାରଙ୍କ ସହାୟତା ତଥା ଡାକ୍ତରୀ ଟିମ୍‌ର ଅଦମ୍ୟ ପ୍ରଚେଷ୍ଟାରୁ ଏହା ସମ୍ଭବ ହୋଇପାରିଥିଲା। ଅସ୍ତ୍ରୋପଚାର ପରେ ଜଗା ଦ୍ରୁତ ଆରୋଗ୍ୟ ଲାଭ କରିଥିଲେ ମଧ୍ୟ କାଳିଆର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସିଥିଲା। ମାତ୍ର ଅନେକ ସମୟରେ କାଳିଆ ଅସୁସ୍ଥ ରହୁଥିଲା। ଏମ୍ସରୁ ଗତବର୍ଷ ଡିସ୍‌ଚାର୍ଜ ହୋଇ କଟକ ଏସ୍‌ସିବିରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ଏସ୍‌ସିବିରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଉଭୟଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ହେଲେ ସେପ୍ଟିସେମିଆରେ ପୀଡ଼ିତ ଥିବା କାଳିଆର ବୁଧବାର ରାତିରେ ମୃତ୍ୟୁ ଘଟିଛି। କାଳିଆର ମୃତ୍ୟୁ ପରେ ବାପା ଭୂୟାଁ କହଁର କହିଛନ୍ତି, ସବୁ ଚେଷ୍ଟା ପରେ ବି କାଳିଆ ଆମକୁ ଛାଡ଼ି ଚାଲିଗଲା। ସବୁ ଭଗବାନଙ୍କ ଇଚ୍ଛା। ରାଜ୍ୟ ସରକାର ଓ ଦୁଇ ହସ୍ପିଟାଲ ତରଫରୁ ଆମକୁ ସବୁ ପ୍ରକାର ସହାୟତା ମିଳିଛି । ଏପରି କି କାଳିଆର ମୃତ୍ୟୁ ପରେ ମରଶରୀର ଆମ ଗାଁକୁ ନେବା ପାଇଁ ହସ୍ପିଟାଲ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆମେ କାଳିଆର ମରଶରୀର ଗାଁରେ ସଂସ୍କାର କରିବୁ ବୋଲି କହଁର ପ୍ରକାଶ କରିଛନ୍ତି।

### ଏମ୍ସରେ ୧୨୫ ଡାକ୍ତର ଅସ୍ତ୍ରୋପଚାର କରିଥିଲେ

ଦିଲ୍ଲୀ ଏମ୍ସରେ ତତ୍କାଳୀନ ନ୍ୟୁରୋ ସର୍ଜରୀ ବିଭାଗ ମୁଖ୍ୟ ଡା. ଅଶୋକ ମହାପାତ୍ର ଓ ଡା. ଦୀପକ କୁମାର ଗୁପ୍ତାଙ୍କ ନେତୃତ୍ୱରେ ଦେଶ ଓ ଦେଶ ବାହାରର ପ୍ରାୟ ୧୨୫ ଜଣିଆ ଡାକ୍ତରୀ ଟିମ୍ ଯୋଡ଼ାମୁଣ୍ଡ ଜଗାକାଳିଆଙ୍କ ବିରଳ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ସଫଳ ହୋଇଥିଲେ ବି ଏମାନଙ୍କ ମଧ୍ୟରୁ ଜଣେ ହିଁ କେବଳ ସୁସ୍ଥ ରହିବ ବୋଲି ଅନେକ ବରିଷ୍ଠ ଓ ଅଭିଜ୍ଞ ଡାକ୍ତର ଆକଳନ କରିଥିଲେ। ଅସ୍ତ୍ରୋପଚାର ପରଠାରୁ ଜଗାର ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ କାଳିଆ ଅନେକ ସମୟରେ ଅସୁସ୍ଥ ରହୁଥିଲା। ଏହା ସତ୍ତ୍ୱେ ଡାକ୍ତରମାନେ ଆପ୍ରାଣ ଉଦ୍ୟମ ଚଳାଇଥିଲେ। ଏନେଇ ଏସ୍‌ସିବି ନ୍ୟୁରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡା. ସୁଧାଂଶୁ ମିଶ୍ର କହିଛନ୍ତି, ଦୁଇ ଶିଶୁଙ୍କ ଗୁରୁତ୍ୱପୂର୍ଣ୍ଣ ଭେନ୍(ସୁପରିଅର ସାଜାଇଟାଲ ସାଇନସ) କେବଳ ଗୋଟିଏ ଥିଲା। ଏହି ଭେନ୍‌ଟିକୁ ଅସ୍ତ୍ରୋପଚାର ସମୟରେ କେବଳ ଜଗା ପଟକୁ ଲଗା ଯାଇଥିଲା। କିନ୍ତୁ କାଳିଆ ପାଇଁ ଏହା କୃତ୍ରିମ ଭାବେ ତିଆରି କରାଯାଇଥିଲା। ଯାହା ପରବର୍ତ୍ତୀ ସମୟରେ କାମ କଲା ନାହିଁ। ତେଣୁ ସ୍ଥାଣୁ ପାଲଟିଥିବା ଏହି ଭେନ୍ ଲାଗି ତା'ର ୭୫ ପ୍ରତିଶତ ମସ୍ତିଷ୍କ ନ ଥିଲା। ପିଲାଟି କେବଳ ଶୋଇ ରହୁଥିଲା। ଆଗକୁ ବି ସେମିତି ପରିସ୍ଥିତି ଲାଗି ରହିଥାନ୍ତା।

## ବିନ୍ଦୁସାଗର, ଦୟାନଦୀ ଘାଟରେ ହେବନି ବୋଇତ ବନ୍ଦାଣ

ପୁରୁଣା ଭୁବନେଶ୍ୱର,୨୫।୧୧(ଡି.ଏନ୍.ଏ.)

କରୋନା ମହାମାରୀ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ କଟକଣା ଲଗାଇଛନ୍ତି। ବିଶେଷକରି ଧର୍ମାନୁଷ୍ଠାନ, ସ୍କୁଲ, ବିବାହ, ଭୋଜି ଉପରେ ଏହି କଟକଣା ରହିଛି। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ବିନ୍ଦୁସାଗରର ଉତ୍ତରେଶ୍ୱର ଘାଟରେ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବ ବାତିଲ କରାଯାଇଛି ବୋଲି ଭୁବନେଶ୍ୱର ସାଂସ୍କୃତିକ ପରିଷଦର ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଦୟା ନଦୀ ଘାଟରେ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବକୁ ବାତିଲ କରାଯାଇଛି ବୋଲି କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି।

## ଜମିପଟ୍ଟା ନ ମିଳିବା ପ୍ରତିବାଦରେ ଧାରଣା

ବାରଙ୍ଗ,୨୫।୧୧(ଡି.ଏନ୍.ଏ.)

ଜମିପଟ୍ଟା ନ ମିଳିବା ପ୍ରତିବାଦରେ ବୁଧବାର ନରଣପୁର ଗ୍ରାମର ତୁଳସୀ ବିଶ୍ୱାଳ ଓ ତାଙ୍କ ଦୁଇ ଝିଅ ବାରଙ୍ଗ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହା ସହ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ତୁଳସୀଙ୍କ କହିବା ଅନୁଯାୟୀ, ସେ ଏକ ଜମିକୁ ନିଜ ନାଁରେ କିଣି କିଛିବର୍ଷ ପରେ ଝିଅକୁ ବିକ୍ରି କରିଥିଲେ। କିନ୍ତୁ ଅଦ୍ୟାବଧି ଏହାର ପଟ୍ଟା ମିଳିନାହିଁ। ତହସିଲଦାର ଧାରଣାକାରୀଙ୍କୁ ବୁଝାସୁଝା କରିବା ସହ ସହଯୋଗ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତୁଳସୀ ଓ ତାଙ୍କ ଦୁଇ ଝିଅ ଧାରଣାରୁ ଉଠି ନ ଥିଲେ। ଖବରପାଇ ସନ୍ଧ୍ୟାରେ ବାରଙ୍ଗ ପୋଲିସ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଯବାନଙ୍କ ପାଇଁ ଲୁଟ୍‌ରୁ ବର୍ତ୍ତିଲେ ଦମ୍ପତି

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ୍) ଯବାନ ଟଙ୍କଧର ବେହେରାଙ୍କ ସାହସିକତା ଯୋଗୁ ବୁଧବାର ଏକ ଦମ୍ପତି ଲୁଟ୍‌ର ଶିକାର ହେବାରୁ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଗଞ୍ଜାମ ଜିଲା ନୂଆପଡା ଗ୍ରାମର ସୁନିଲ କୁମାର ପଣ୍ଡା ତାଙ୍କ ସ୍ତ୍ରୀ ଓ ଝିଅଙ୍କ ସହ ବସ୍ ଯୋଗେ ଭୁବନେଶ୍ୱର ଆସୁଥିଲେ। ଉକ୍ତ ବସ୍‌ରେ ଟଙ୍କଧର ମଧ୍ୟ ଭୁବନେଶ୍ୱର ଫେରୁଥିଲେ। ଭୋର୍ ସାଢ଼େ ୪ଟାରେ ସିଆରପି ଛକରେ ବସ୍ ପହଞ୍ଚିବା ପରେ ସୁନିଲ, ତାଙ୍କ ପରିବାର ଓ ଟଙ୍କଧର ଓହ୍ଲାଇ ଥିଲେ। ଏହି ସମୟରେ ଫାୟାରଷ୍ଟେଶନ୍ ଛକ ପଟୁ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ସୁନିଲଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ୍ ଝାମ୍ପିନେବାକୁ ଚେଷ୍ଟା କରିଥିଲେ। ସୁନିଲ ବିରୋଧ କରିବାରୁ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ତାଙ୍କୁ ବନ୍ଧୁକ ଦେଖାଇଥିଲେ। ତେବେ ଟଙ୍କଧର ଏହା ଦେଖି ଦୁର୍ବୃତ୍ତଙ୍କ ଉପରେ ଆକ୍ରମଣ କରିଥିଲେ। ଟଙ୍କଧର ଓ ଦୁର୍ବୃତ୍ତଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ପରେ ସୁନିଲଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି।

## ଆଜି ବନ୍ଦ ରହିବ ଆହାର କେନ୍ଦ୍ର

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ଗୁରୁବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ରାଜଧାନୀର ସମସ୍ତ ଆହାର କେନ୍ଦ୍ରକୁ ବନ୍ଦ ରଖାଯାଇଛି। ସାଧାରଣ ନାଗରିକ ଓ ସେବାକାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଆହାର କେନ୍ଦ୍ର ବନ୍ଦ ପାଇଁ ନିଷ୍ପତ୍ତି ହୋଇଛି। ତେବେ ବନ୍ଦ ପରବର୍ତ୍ତୀ ସମୟରେ ପୂର୍ବପରି ସମସ୍ତ ଆହାର କେନ୍ଦ୍ର ଖୋଲା ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଫଟୋରେ ଖବର




ଏସ୍ମା ଆଇନ ବାତିଲ ସହ ଅନ୍ୟ କେତେକ ଦାବି ନେଇ ସିଆଇଟିୟୁ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଭାରତ ବନ୍ଦକୁ ସଫଳ କରିବା ଦାବିରେ ଓଡ଼ିଶା ନିର୍ମାଣ ଶ୍ରମିକ ଫେଡ଼େରେଶନ ପକ୍ଷରୁ ବୁଧବାର ମାଷ୍ଟର୍‌କ୍ୟାଣ୍ଟିନ ଛକରେ ହୋଇଥିବା ମଶାଲ ଶୋଭାଯାତ୍ରା।



ବୁଧବାର ପଞ୍ଚକ ଆରମ୍ଭ ହୋଇଥିବାରୁ କଟକ ଶଙ୍କରପୁର ପରିଡ଼ା ସାହିରେ ଯୁବତୀମାନେ ମୁରୁଜ ପକାଉଛନ୍ତି।